କୁମାରୀ ଶୈନ୍ଦା ହାସନ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 25,1990

[ କୁଲଦିପ ସିଂହ ଏବଂ ପି. ବି. ସାୱନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଉତ୍ତରପ୍ରଦେଶ ରାଜ୍ୟ ବିଶ୍ୱବିଦ୍ୟାଳୟ ଅଧିନିୟମ, 1973: ଧାରା 31 (11) ଧାର୍ମିକ ସଂଖ୍ୟାଲଘୁ ସଂସ୍ଥାନ -ଅଧକ୍ଷଙ୍କ ନିଯୁକ୍ତି-ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦନକୁ ଅଟକାଇବା- ଭାରତ ସମ୍ବିଧାନ, 1950ର ଅନୁଚ୍ଛେଦ 30(1 )ର ଉଲ୍ଲଙ୍ଘନ କି ।*

*ଭାରତର ସମ୍ବିଧାନ, 1950: ଅନୁଚ୍ଛେଦ 30 (1) ।ଧାର୍ମିକ ସଂଖ୍ୟାଲଘୁ ମୁସଲମାନ ଶିକ୍ଷାନୁଷ୍ଠାନ-ଅଧକ୍ଷଙ୍କ ନିଯୁକ୍ତି-ଯୋଗ୍ୟତା- "ଉର୍ଦ୍ଦୁ ବିଷୟରେ ବ୍ୟାବହାରିକ ଜ୍ଞାନ "- ଶିକ୍ଷାନୁଷ୍ଠାନର ଉଦ୍ଦେଶ୍ୟ ଅନୁଯାୟୀ ନିଶ୍ଚିତ କରାଯାଇଛି ।*

*ସେବା ଆଇନ-ନିଯୁକ୍ତି-ଯୋଗ୍ୟତା-କୋହଳ କରିବାର କ୍ଷମତା ପ୍ରଦାନ କରୁଥିବା ବୈଧାନିକ ନିୟମାବଳୀର ଅନୁପସ୍ଥିତି-ବିଜ୍ଞାପନ ନିଶ୍ଚିତ ଭାବରେ ସୂଚିତ କରିବ ଯେ ଚୟନ କମିଟିର କୋହଳ କରିବାର କ୍ଷମତା ଅଛି ।*

**ଏକ ଧାର୍ମିକ ସଂଖ୍ୟାଲଘୁ ସଂସ୍ଥାନ, ଉତ୍ତରଦାତା କଲେଜ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀ ମାଷ୍ଟର ଡିଗ୍ରୀ, ପାଞ୍ଚ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଏବଂ ଉର୍ଦ୍ଦୁ ଭାଷାର ବ୍ୟାବହାରିକ ଜ୍ଞାନ ଥିବା ପ୍ରାର୍ଥୀଙ୍କଠାରୁ ଅଧକ୍ଷ ପଦବୀ ପାଇଁ ଦରଖାସ୍ତ ଆବେଦନ କରିଥିଲେ । ଚୟନ କମିଟି ଅଭିଜ୍ଞତାର ଯୋଗ୍ୟତାକୁ କୋହଳ କରି ଆବେଦନକାରୀଙ୍କୁ ଚୟନ କରିଥିଲେ କିନ୍ତୁ ବିଶ୍ୱବିଦ୍ୟାଳୟ ଉତ୍ତର ପ୍ରଦେଶ ରାଜ୍ୟ ବିଶ୍ୱବିଦ୍ୟାଳୟ ଅଧିନିୟମ, 1973 ର ଧାରା 31 (11) ଅନୁଯାୟୀ ନିଯୁକ୍ତି ପାଇଁ ଏହାର ଅନୁମୋଦନ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ପରିଚାଳନା କମିଟିକୁ ପଦବୀ ପୁନଃବିଜ୍ଞାପନ କରିବାକୁ ନିର୍ଦ୍ଦେଶ ଦେଇଥିଲା ।**

**ଆବେଦନକାରୀ ବିଶ୍ୱବିଦ୍ୟାଳୟର ନିଷ୍ପତ୍ତିକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରି କହିଥିଲେ ଯେ କଲେଜଟି ଏକ ସଂଖ୍ୟାଲଘୁ ସଂସ୍ଥାନ ହୋଇଥିବାରୁ ଅଧିନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟର କୌଣସି ହସ୍ତକ୍ଷେପ ସମ୍ବିଧାନର ଅନୁଚ୍ଛେଦ 30 (1)ର ଉଲ୍ଲଙ୍ଘନ କରୁଛି ଏବଂ ଅନୁମୋଦନକୁ ଅଟକାଇବାର କୌଣସି ଯଥାର୍ଥତା ନାହିଁ ।**

**ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 30 ର ଆଧାରରେ ହୋଇଥିବା ଆକ୍ଷେପକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ନିୟାମକ ଥିଲା କିନ୍ତୁ ଚୟନ କମିଟି ଯୋଗ୍ୟତାକୁ କୋହଳ କରିବାରେ ଯଥାର୍ଥ ନୁହେଁ ଏବଂ 'ଉର୍ଦ୍ଦୁର ବ୍ୟାବହାରିକ ଜ୍ଞାନ ରଖିବା' ଯୋଗ୍ୟତା ଅନ୍ୟାୟ ଥିଲା । ତେଣୁ ବିଶେଷ ଆବେଦନ ଦ୍ୱାରା ଏହି ଆବେଦନ ।**

**ଏହି ନ୍ୟାୟାଳୟ ଆବେଦନକୁ ଖାରଜ କରି,**

**ନିର୍ଣ୍ଣୟ କରିଥିଲେ :1. କୋହଳର କ୍ଷମତା ପ୍ରଦାନ କରୁଥିବା ବୈଧାନିକ ନିୟମାବଳୀର ଅନୁପସ୍ଥିତିରେ, ବିଜ୍ଞାପନରେ ଉଲ୍ଲେଖ କରାଯିବା ଉଚିତ ଯେ ଚୟନ କମିଟି/ନିଯୁକ୍ତିକାରୀ କର୍ତ୍ତୃପକ୍ଷଙ୍କ ଯୋଗ୍ୟତାରେ କୋହଳ କରିବାର କ୍ଷମତା ଅଛି । ଉଚ୍ଚ ନ୍ୟାୟାଳୟ ଚୟନ କମିଟି ଦ୍ୱାରା ଦିଆଯାଇଥିବା କୋହଳକୁ ଯଥାର୍ଥ ଭାବରେ ମନମୁଖୀ ବୋଲି କହିଛନ୍ତି ।[702B]**

**2. କଲେଜଟି ଏକ ମୁସଲମାନ ସଂଖ୍ୟାଲଘୁ ସଂସ୍ଥାନ ହୋଇଥିବାରୁ, ଅଧକ୍ଷ ପଦବୀ ପାଇଁ ଉର୍ଦ୍ଦୁ ଭାଷାର ବ୍ୟାବହାରିକ ଜ୍ଞାନ ଥିବା ଯୋଗ୍ୟତା ସ୍ଥିର କରିବା, ଶିକ୍ଷାନୁଷ୍ଠାନର ଉଦ୍ଦେଶ୍ୟ ସହିତ ସଙ୍ଗତ । ଉକ୍ତ ଯୋଗ୍ୟତା ଅଯୌକ୍ତିକ ନୁହେଁ ।[702B]**

**[ନ୍ୟାୟର ସ୍ୱାର୍ଥରେ ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଲକ୍ଷ୍ମୌ ବିଶ୍ୱବିଦ୍ୟାଳୟ ଏବଂ ଏହାର କୁଳପତିଙ୍କୁ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଆବେଦନକାରୀଙ୍କ କଲେଜର ଅଧକ୍ଷ ପଦବୀରେ ନିଯୁକ୍ତି ପାଇଁ ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଆବେଦନକାରୀ ଉକ୍ତ ପଦବୀରେ ଥିବା ତାରିଖରୁ କାର୍ଯ୍ୟକାରୀ ହେବ, ଏବଂ ଆବେଦନକାରୀ ଉକ୍ତ କଲେଜର ଜଣେ ନିୟମିତ ଅଧକ୍ଷ ଭାବେ ଯେଉଁ ଦରମା, ଭତ୍ତା ଏବଂ ଅନ୍ୟାନ୍ୟ ସମସ୍ତ ଫଳସ୍ୱରୂପ ସୁବିଧା ପାଇବାକୁ ହକଦାର ହୋଇଥାନ୍ତେ, ତାହା ପାଇବାକୁ ହକଦାର ହେବେ । ] [702G]**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1135/1981 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 1096/1974ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 15.12.1980 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଆର୍. ଏନ୍. ତ୍ରିବେଦୀ, ଆର୍. ରାମଚନ୍ଦ୍ରନ ଏବଂ କୁମାରୀ ସାଧନା ରାମଚନ୍ଦ୍ରନ (ଏନ୍. ପି.) ।

ଉତ୍ତରଦାତାମାନଙ୍କ ପକ୍ଷରୁ ଅନିଲ ଦେଓ ସିଂହ, ଗୋପାଳ ସୁବ୍ରମଣ୍ୟମ, କୁମାରୀ ଏସ୍. ଦୀକ୍ଷିତ, ଏସ୍. ଏସ୍. ହୁସେନ୍, ଏସ୍. ଏ. ସୟିଦ୍, ଆର୍. ଏସ୍. ଏମ୍. ବର୍ମା ଏବଂ ଶାକିଲ୍ ଅହମ୍ମଦ ସୟିଦ୍ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ କୁଲଦିପ ସିଂହଙ୍କ ଦ୍ୱାରା**, କରାମତ ହୁସେନ ମୁସଲିମ ବାଳିକା ମହାବିଦ୍ୟାଳୟ, ଲକ୍ଷ୍ନୌ (ଏହା ପରେ 'କଲେଜ' ନାମରେ ନାମିତ) ଅଞ୍ଜୁମାନ ମୁସଲିମତ-ଇ-ହିନ୍ଦ ଦ୍ୱାରା ପରିଚାଳିତ ହେଉଛି, ଯାହା ସମିତି ପଞ୍ଜୀକରଣ ଅଧିନିୟମ,1860 ଅଧୀନରେ ପଞ୍ଜୀକୃତ ଏକ ସମିତି । ସମିତିର ସ୍ୱୀକୃତ ଉଦ୍ଦେଶ୍ୟ ହେଉଛି ଭାରତର ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା । ଏହି କଲେଜକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 30 (1) ଅନୁସାରେ ଉତ୍ତର ପ୍ରଦେଶ ରାଜ୍ୟ ଦ୍ୱାରା ଏକ ଧାର୍ମିକ ସଂଖ୍ୟାଲଘୁ ସଂସ୍ଥାନ ଭାବରେ ସ୍ୱୀକୃତି ଦିଆଯାଇଛି ଏବଂ ଏହା ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଏକ ସହବଦ୍ଧ ସହଯୋଗୀ ।

କଲେଜର ଡିଗ୍ରୀ ବିଭାଗରେ ମହିଳା ଅଧ୍ୟକ୍ଷ ପଦବୀ ପାଇଁ 5 ଏପ୍ରିଲ୍ 1974 ରେ ବିଜ୍ଞାପନ ଦିଆଯାଇଥିଲା ଯେଉଁଥିରେ ନିମ୍ନଲିଖିତ ଯୋଗ୍ୟତା / ଆବଶ୍ୟକତା ସୂଚିତ କରାଯାଇଥିଲା ।

(1) ଶିକ୍ଷାନୁଷ୍ଠାନରେ ପଢ଼ାଯାଉଥିବା ଯେକୌଣସି ବିଷୟରେ ପ୍ରଥମ କିମ୍ବା ଭଲ ଦ୍ୱିତୀୟ ଶ୍ରେଣୀ ମାଷ୍ଟର ଡିଗ୍ରୀ;

(2) ଡିଗ୍ରୀ ଶ୍ରେଣୀ ଶିକ୍ଷାଦାନ ଏବଂ ପ୍ରଶାସନିକ ଅଭିଜ୍ଞତାରେ ଅତି କମରେ ପାଞ୍ଚ ବର୍ଷର ଅଭିଜ୍ଞତା;

(3) ଉର୍ଦ୍ଦୁ ବିଷୟରେ ବ୍ୟାବହାରିକ ଜ୍ଞାନ ଥିବା ଆବଶ୍ୟକ;

(4) କଲେଜ ପରିସରରେ ରହିବାକୁ ଇଚ୍ଛୁକ ।

ବିଜ୍ଞାପନର ଜବାବରେ ଆବେଦନକାରୀଙ୍କ ସହିତ ଅନ୍ୟମାନେ ଏହି ପଦବୀ ପାଇଁ ଆବେଦନ କରିଥିଲେ । ଆବେଦନକାରୀ ପାଞ୍ଚ ବର୍ଷର ଅଭିଜ୍ଞତାର ଯୋଗ୍ୟତା ପୂରଣ କରିନଥିଲେ । ସେ ଏକା ସାକ୍ଷାତକାର ପାଇଁ ଉପସ୍ଥିତ ହୋଇଥିଲେ ଏବଂ ଚୟନ କମିଟି ତାଙ୍କ ସପକ୍ଷରେ ଅଭିଜ୍ଞତାର ଯୋଗ୍ୟତାକୁ କୋହଳ କରି ତାଙ୍କୁ ଚୟନ କରିଥିଲେ । ଏହା ପରେ ପରିଚାଳନା କର୍ତ୍ତୃପକ୍ଷ ଉତ୍ତର ପ୍ରଦେଶ ରାଜ୍ୟ ବିଶ୍ୱବିଦ୍ୟାଳୟ ଅଧିନିୟମ, 1973 (ଏଠାରେ 'ଅଧିନିୟମ' ବୋଲି

କୁହାଯିବ) ର ଧାରା 31 (11) ଅନୁଯାୟୀ ଆବଶ୍ୟକ ଅନୁଯାୟୀ ଆବେଦନକାରୀଙ୍କୁ ନିଯୁକ୍ତି ଦେବା ପାଇଁ ବିଶ୍ୱବିଦ୍ୟାଳୟର ଅନୁମୋଦନ ଲୋଡ଼ିଥିଲେ । ତଥାପି, ବିଶ୍ୱବିଦ୍ୟାଳୟ ଅନୁମୋଦନ କରିବାକୁ ମନା କରିଦେଇଥିଲା ଏବଂ ପଦବୀକୁ ପୁନଃ ବିଜ୍ଞାପନ ଦେବାକୁ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲା । ଆବେଦନକାରୀ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଲକ୍ଷ୍ନୌ ବିଚାରପୀଠ ସମ୍ମୁଖରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ନିଷ୍ପତ୍ତିକୁ ଆପତ୍ତି କରିଥିଲେ ଯେ କଲେଜଟି ଏକ ସଂଖ୍ୟାଲଘୁ ସଂସ୍ଥାନ ହୋଇଥିବାରୁ ଅଧିନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟର କୌଣସି ହସ୍ତକ୍ଷେପ ସମ୍ବିଧାନର ଅନୁଚ୍ଛେଦ 30 (1)ର ଉଲ୍ଲଙ୍ଘନ କରୁଛି । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଅନୁମୋଦନକୁ ଅଟକାଇ ରଖିବା ପାଇଁ କୌଣସି ଆଧାର କିମ୍ବା ଯଥାର୍ଥତା ନାହିଁ ।

ଭାରତ ସମ୍ବିଧାନର ଅନୁଚ୍ଛେଦ 30 ଆଧାରରେ ହୋଇଥିବା ଆକ୍ଷେପକୁ ଉଚ୍ଚ ନ୍ୟାୟାଳୟ ଖାରଜ କରି କହିଛନ୍ତି ଯେ ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ନିୟାମକ ଏବଂ ମୁଖ୍ୟତଃ ସଂଖ୍ୟାଲଘୁ ସଂସ୍ଥାନଗୁଡ଼ିକରେ ସମାନତା, ଦକ୍ଷତା ଏବଂ ଶିକ୍ଷାର ମାନ ବଜାୟ ରଖିବା ଉଦ୍ଦେଶ୍ୟରେ କରାଯାଇଛି । ଉଚ୍ଚ ନ୍ୟାୟାଳୟ ଗୁଣବତ୍ତା ଆଧାରରେ କହିଥିଲେ ଯେ ବିଜ୍ଞାପନରେ ସେହି ଅଧିକାରକୁ ସଂରକ୍ଷଣ ନକରି ଚୟନ କମିଟି ଯୋଗ୍ୟତାକୁ କୋହଳ କରିବାରେ ଯଥାର୍ଥ ନୁହେଁ । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଜାଣିପାରିଲେ ଯେ "ଉର୍ଦ୍ଦୁର ବ୍ୟାବହାରିକ ଜ୍ଞାନ ଥିବା" ଯୋଗ୍ୟତା ଅଯୌକ୍ତିକ ଥିଲା । ଉପରୋକ୍ତ ଫଳାଫଳ ଆଧାରରେ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଯାଇଥିଲା । ଭାରତ ସମ୍ବିଧାନର ଅନୁଚ୍ଛେଦ 136 ମାଧ୍ୟମରେ ଆବେଦନକାରୀ ଏହିପରି ଆମ ସମ୍ମୁଖରେ ଅଛନ୍ତି ।

ଚୟନ କମିଟି ଦ୍ୱାରା ଦିଆଯାଇଥିବା କୋହଳକୁ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ମନମୁଖୀ ବୋଲି କହିଛନ୍ତି । କୋହଳର କ୍ଷମତା ପ୍ରଦାନ କରୁଥିବା ବୈଧାନିକ ନିୟମାବଳୀର ଅନୁପସ୍ଥିତିରେ, ବିଜ୍ଞାପନରେ ସୂଚିତ ହେବା ଆବଶ୍ୟକ ଯେ ଚୟନ କମିଟି/ନିଯୁକ୍ତିକାରୀ କର୍ତ୍ତୃପକ୍ଷଙ୍କ ଯୋଗ୍ୟତାକୁ କୋହଳ କରିବାର କ୍ଷମତା ଅଛି । "ଉର୍ଦ୍ଦୁର ବ୍ୟାବହାରିକ ଜ୍ଞାନ" ସମ୍ପର୍କରେ ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ଏକମତ ନୁହେଁ ଯେ ଉକ୍ତ ଯୋଗ୍ୟତା ଅଯୌକ୍ତିକ ଅଟେ । କଲେଜଟି ଏକ ମୁସଲମାନ ସଂଖ୍ୟାଲଘୁ ସଂସ୍ଥାନ ହୋଇଥିବାରୁ ଅଧ୍ୟକ୍ଷ ପଦବୀ ପାଇଁ ଉକ୍ତ ଯୋଗ୍ୟତା ସ୍ଥିର କରୁଛି, ଏହା ସଂସ୍ଥାନ ପ୍ରତିଷ୍ଠାର ଉଦ୍ଦେଶ୍ୟ ସହିତ ସଙ୍ଗତ ।

ଏହି ମାମଲାରେ ଆମେ ଯେଉଁ ଦୃଷ୍ଟିକୋଣ ଗ୍ରହଣ କରୁଛୁ, ତାହା ଅନୁଯାୟୀ ଭାରତ ସମ୍ବିଧାନର ଅନୁଚ୍ଛେଦ 30 (1) ଉପରେ ଆଧାରିତ ଯୁକ୍ତିକୁ ଯିବା ଆବଶ୍ୟକ ନୁହେଁ ।

ଆମେ ଫେବୃଆରୀ 23, 1990 ରେ ଏହି ମାମଲାରେ ଯୁକ୍ତିଗୁଡିକୁ ଶୁଣିଥିଲୁ ଏବଂ ନିମ୍ନଲିଖିତ ଆଦେଶ ସହିତ ମାମଲାକୁ ମୁଲତବି ରଖିଥିଲୁ:

> "ଏହା ପକ୍ଷମାନେ ସ୍ୱୀକାର କରୁଛନ୍ତି ଯେ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଆବେଦନକାରୀ କୁମାରୀ ଶୈନ୍ଦା ହାସନ 1974 ମସିହାରୁ ଲକ୍ଷ୍ନୌର କରାମତ ହୁସେନ ମୁସଲିମ ବାଳିକା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ଜାରି ରଖିଛନ୍ତି । 16 ବର୍ଷରୁ ଅଧିକ ସମୟ ଧରି ଏହି ସଂସ୍ଥାନରେ ସେବା କରିବା ପରେ ତାଙ୍କୁ ଏହି ପଦବୀ ଛାଡିବାକୁ ବାଧ କରିବା ଅନୁଚିତ ହେବ । ଏହି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟକୁ ସହାନୁଭୂତିଶୀଳ ଭାବରେ ସମଗ୍ର ମାମଲାକୁ ପୁନର୍ବିଚାର କରିବାକୁ ଦିଅନ୍ତୁ ।"

ମାମଲାଟିକୁ ଏପ୍ରିଲ୍ 20, 1990ରେ କକ୍ଷରେ ବିଚାର ପାଇଁ ନିଆଯାଇଥିଲା ଯେତେବେଳେ ବିଶ୍ୱବିଦ୍ୟାଳୟରୁ ନିର୍ଦ୍ଦେଶ ପାଇବା ପରେ ରାଜ୍ୟ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀମତୀ ଶୋଭା ଦୀକ୍ଷିତ ଆମ ସହିତ ଏକମତ ହୋଇଥିଲେ ଯେ ଷୋହଳ ବର୍ଷ ପରେ ଆବେଦନକାରୀଙ୍କୁ ଚାକିରି ଛାଡିବାକୁ କହିବା ତାଙ୍କ ପ୍ରତି ଅନ୍ୟାୟ ହେବ ।

ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ନ୍ୟାୟର ସ୍ୱାର୍ଥ ପାଇଁ ଆମେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ଏବଂ ଏହାର କୁଳପତିଙ୍କୁ ନିର୍ଦ୍ଦେଶ ଦେଉଛୁ ଯେ ଆବେଦନକାରୀଙ୍କୁ କରାମତ ହୁସେନ ମୁସଲମାନ ବାଳିକା ମହାବିଦ୍ୟାଳୟ, ଲକ୍ଷ୍ନୌର ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଁ ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରନ୍ତୁ, ଯାହା ସେ ଉକ୍ତ ପଦବୀରେ ଧାରଣ କରିବା ତାରିଖରୁ କାର୍ଯ୍ୟକାରୀ ହେବ । ଆମେ ଆହୁରି ନିର୍ଦ୍ଦେଶ ଦେଉଛୁ ଯେ ଆବେଦନକାରୀ ଦରମା, ଭତ୍ତା ଏବଂ ଅନ୍ୟ ସମସ୍ତ ଆନୁସଙ୍ଗିକ ସୁବିଧା ପାଇବାକୁ ହକଦାର ହେବେ, ଯାହା ଉକ୍ତ କଲେଜର ଜଣେ ନିୟମିତ ଅଧ୍ୟକ୍ଷ ପାଇଥାଆନ୍ତେ ।  ଆମେ ଉପରୋକ୍ତ ନିର୍ଦ୍ଦେଶ ସହିତ ଆବେଦନକୁ ସମାଧାନ କରୁଛୁ । ଏଠାରେ ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ ରହିବ ନାହିଁ ।

ଟି. ଏନ୍. ଏ.                                                  ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।